# କାର୍ଯ୍ୟନିର୍ବାହୀ ସାରାଂଶ

## ପରିଚୟ ଏବଂ ସମୀକ୍ଷା କାର୍ଯ୍ୟ ଢାଞ୍ଚା

- ସହରାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ(ଏସଡବ୍ଲୁଏମ୍) ର ପରିଚାଳନା ଆଜି ଆମ ମ୍ୟୁନିସିପାଲିଟି ସାମନା କରୁଥିବା ସବୁଠୁ ବଡ ଆହ୍ୱାନମାନଙ୍କ ମଧ୍ୟରେ ଏକ ଭାବରେ ଉଭା ହୋଇଛି । ରାଜ୍ୟରେ ଏସଡବ୍ଲୁଏମ ନିୟମ,(ଏସଡବ୍ଲୁଏମ) 2016 ର କାର୍ଯ୍ୟାନ୍ୱୟନ ପାଇଁ 114 ଟି ସହରୀ ସ୍ଥାନୀୟ ସଂସ୍ଥା ଉତ୍ତରଦାୟୀ । ଏହି ୟୁଏଲବି ଗୁଡିକରେ 2019-20 ମଧ୍ୟରେ ବର୍ଜ୍ୟବସ୍ତୁ ର ଆନୁମାନିକ ଦୈନିକ ଉତ୍ପାଦନ 2,208.60 ଟନ୍ (ଟିପିଡି)ଥିଲା, ଯେତେବେଳେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ 45,339.40 ଟନ୍ ବାର୍ଷିକ (ଟିପିଏ), ନିର୍ମାଣ ଏବଂ ନିର୍ମାଣ ଭଗ୍ନାବଶେଷ ବର୍ଜ୍ୟ 1,646 ଟିପିଡି, ଇ-ବର୍ଜ୍ୟ ମାସିକ 396.77 ଟନ୍ ଏବଂ ବିଏମଡବ୍ଲୁ 179.93 ଟିପିଡି ହିସାବ କରାଯାଇଥିଲା ।

*(ଅନୁଚ୍ଛେଦ 1.1)*

- ବର୍ଜ୍ୟ ପରିଚାଳନା ବୈଜ୍ଞାନିକ ଉପାୟରେ ଦକ୍ଷତାର ସହ ପ୍ରଭାବଶାଳୀ, ମିତବ୍ୟୟୀ ଭାବେ ହେଉଅଛି କି ନାହିଁ ନିଶ୍ଚିତ କରିବାଲାଗି, ସହରାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ର ପରିଚାଳନା ଉପରେ ଏକ ସଂମ୍ପାଦନ ସମୀକ୍ଷା ଏପ୍ରିଲ୍ 2015 ଠାରୁ ମାର୍ଚ୍ଚ 2020 ମଧ୍ୟରେ କରାଯାଇଥିଲା । ସଂପାଦନ ସମୀକ୍ଷା ରୁ ଜଣାପଡିଲା ବର୍ଜ୍ୟବସ୍ତୁ ପରିଚାଳନା ଯୋଜନା,କାର୍ଯ୍ୟାନ୍ୱୟନ ଏବଂ ପର୍ଯ୍ୟବେକ୍ଷଣରେ ଅନେକ ତ୍ରୁଟି ରହିଛି ।
- ଅଡିଟ୍ ନିମନ୍ତେ 114 ଟି ୟୁଏଲବି ମଧ୍ୟରୁ , 5ଟି କର୍ପୋରେସନ, 10 ଟି ମ୍ୟୁନିସିପାଲିଟି ଏବଂ 6ଟି ବିଜ୍ଞାପିତ ଅଞ୍ଚଳ ପରିଷଦ କୁ ନେଇ ଗଠିତ 21 ଟି ୟୁଏଲବି ଏବଂ ଏହା ସହିତ ଦୁଇଟି ସ୍ମାର୍ଟ ସିଟି ଭୁବନେଶ୍ୱର ଏବଂ ରାଉରକେଲା ଚୟନ କରାଯାଇଥିଲା ।

*(ଅନୁଚ୍ଛେଦ 1.4 ଏବଂ 1.6)*

## ଆର୍ଥିକ ପରିଚାଳନା

- ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକର ଆର୍ଥିକ ବିବରଣୀ ଯାଞ୍ଚରୁ ଜଣାପଡିଲା ଯେ, ସେମାନେ ସରକାରଙ୍କ ଅନୁଦାନ ଉପରେ ନିର୍ଭରଶୀଳ । ୟୁଏଲବି ଗୁଡିକରେ ଏସଡବ୍ଲୁଏମ ଲାଗି ଖର୍ଚ୍ଚ ସେମାନଙ୍କ ମୋଟ ଖର୍ଚ୍ଚର 11 ଏବଂ 16 ପ୍ରତିଶତ ମଧ୍ୟରେ ଥିଲା ।

*(ଅନୁଚ୍ଛେଦ 2.2)*

- କଠିନ ବର୍ଜ୍ୟବସ୍ତୁ ର ସଂଗ୍ରହ, ପରିବହନ ଏବଂ ନିଷ୍କାସନ ଲାଗି ବ୍ୟବହାରିକ ଶୁଳ୍କ ଲାଗୁହେବାର ଥିଲା । ବର୍ଜ୍ୟ ପରିଚାଳନାର ବାଇ-ଲ ଘର ମାନଙ୍କରୁ ସଂଗ୍ରହ ହେବାକୁ ଥିବା ବ୍ୟବହାରିକ ଶୁଳ୍କ ର ଦର ପ୍ରଦାନ କରେ । ଅଡିଟ୍ ନିରୀକ୍ଷଣ କଲା ଯେ ପରୀକ୍ଷା ଯାଞ୍ଚ ହୋଇଥିବା 21 ଟି ୟୁଏଲବି ମଧ୍ୟରୁ କେବଳ ସାତଟି ୟୁଏଲବି 2017-21 ମଧ୍ୟରେ ବ୍ୟବହାରିକ ଶୁଳ୍କ ସଂଗ୍ରହ କରିଥିଲେ ।

*(ଅନୁଚ୍ଛେଦ 2.3)*

- ଛଅଟି ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ରେ ଭାରତୀୟ ରେଲୱେ ର ନିୟନ୍ତ୍ରଣ ରେ ଥିବା ଅଞ୍ଚଳ ମ୍ୟୁନିସିପାଲିଟି ସହର ପରିସର ମଧ୍ୟରେ ଥିଲା । ରେଲୱେ ପରିସରରୁ ଉତ୍ପନ୍ନ ହେଉଥିବା ବର୍ଜ୍ୟ ମ୍ୟୁନିସିପାଲିଟି ଗୁଡିକୁ ହସ୍ତାନ୍ତର କରାଯାଉଥିଲା । ତଥାପି, କୌଣସି ବି ୟୁଏଲବି ଭାରତୀୟ ରେଲୱେ ପରିସର ରୁ ଉତ୍ପନ୍ନ ହେଉଥିବା ବର୍ଜ୍ୟ ନିମନ୍ତେ ବ୍ୟବହାରିକ ଶୁଳ୍କ ସଂଗ୍ରହ କରୁନଥିଲେ ।

*(ଅନୁଚ୍ଛେଦ 2.3.1)*

- ବର୍ଜ୍ୟ ପରିଚାଳନା ର ବାଇ-ଲ ମଧ୍ୟ କଠିନ ବର୍ଜ୍ୟବସ୍ତୁକୁ ରାସ୍ତାରେ ପକାଇବା ଯୋଗୁଁ ଯାଞ୍ଚସ୍ଥଳରୁ ଜୋରିମାନା ଆଦାୟ ପାଇଁ ଦର୍ଶାଏ । ଅଡିଟ୍ ନୀରିକ୍ଷଣ କଲା ଯେ ପରୀକ୍ଷା ଯାଞ୍ଚ କରାଯାଇଥିବା ୟୁଏଲବି ମଧ୍ୟରୁ କୌଣସି ୟୁଏଲବି ବ୍ୟକ୍ତିଗତ ଘର,ସମ୍ପ୍ରଦାୟ ଭିତ୍ତିକ ସଂଗଠନ (ସିବିଓସ), ମାର୍କେଟ୍ କମ୍ପ୍ଲେକ୍ସ, କଲ୍ୟାଣ ମଣ୍ଡପ ଇତ୍ୟାଦି ଠାରୁ ରାସ୍ତାରେ ମଇଳା ପକାଇବା ଯୋଗୁଁ ଯାଞ୍ଚସ୍ଥଳରୁ ଜୋରିମାନା ଆଦାୟ କରିନାହାନ୍ତି ।

*(ଅନୁଚ୍ଛେଦ 2.3.2)*

- ଏଫ୍ଏଫ୍ସି ର ସର୍ତ୍ତ ଅନୁଯାୟୀ, ସେବା ସ୍ତରୀୟ ବେଞ୍ଚମାର୍କ ହାସଲ ନହେବା ଏବଂ ବାର୍ଷିକ ଆର୍ଥିକ ବିବରଣୀ ପ୍ରସ୍ତୁତ ନହେବା ଯୋଗୁଁ ୟୁଏଲବି ଗୁଡିକ 333.58 କୋଟି କେନ୍ଦ୍ରୀୟ ସହାୟତା ପାଇଲେ ନାହିଁ ।

*(ଅନୁଚ୍ଛେଦ 2.4)*

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ଲାଗି ଯୋଜନା ଏବଂ ରଣନୀତି

- ଏସଡବ୍ଲୁଏମ ନିୟମ 2016 ( 8ଏପ୍ରିଲ 2016 ରେ ଅଧିସୂଚିତ) ନିର୍ଦ୍ଧାରିତ କରେ ଯେ ରାଜ୍ୟ ସରକାର ଏହି ନିୟମ ଅଧିସୂଚିତ ହେବାର ଏକ ବର୍ଷ ମଧ୍ୟରେ ଏସଡବ୍ଲୁଏମ ନିମନ୍ତେ ଏକ ରାଜ୍ୟ ଯୋଜନା ଏବଂ ରଣନୀତି ପ୍ରସ୍ତୁତ କରିବେ । ତଥାପି, ଫେବୃଆରୀ 2022 ସୁଦ୍ଧା, ଗୃହ ଏବଂ ନଗର ଉନ୍ନୟନ ବିଭାଗ ଏକିକୃତ ଏସଡବ୍ଲୁଏମ ଲାଗି ରାଜ୍ୟ ଯୋଜନା ଅଧିସୂଚିତ କରିନଥିଲେ ।

*(ଅନୁଚ୍ଛେଦ 3.2)*

- ଯେହେତୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୟୁଏଲବି ଗୁଡିକ ସ୍ୱଳ୍ପ ମିଆଦି କିମ୍ବା ଦୀର୍ଘ ମିଆଦି କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିନଥିଲେ, ୟୁଏଲବି ଗୁଡିକରେ ଭିତ୍ତିଭୂମି ପ୍ରକଳ୍ପର ଯୋଜନା ଏବଂ ଚୟନ, ଆବଶ୍ୟକତା ଭିତ୍ତିକ ବିଶ୍ଳେଷଣ ଅପେକ୍ଷା ପାଣ୍ଠିର ଉପଲବ୍ଧତା ଦ୍ୱାରା ପରିଚାଳିତ ହୋଇଥିଲା ।

*(ଅନୁଚ୍ଛେଦ 3.3.1)*

- କୌଣସି ବି ୟୁଏଲବି ଗୃପ ହାଉସିଂ ସୋସାଇଟି କିମ୍ବା ମାର୍କେଟ୍ କଂପ୍ଲେକ୍ସ ର ନିର୍ମାଣ ପ୍ଲାନିଂରେ କଠିନ ବର୍ଜ୍ୟବସ୍ତୁକୁ ପରିଚାଳନା ବ୍ୟବସ୍ଥା ଲାଗୁ କରିବା ସୁନିଶ୍ଚିତ କରିନଥିଲେ । ତେଣୁ, ବର୍ଜ୍ୟ ପରିଚାଳନା ରେ ସଂପ୍ରଦାୟ ର ଯୋଗଦାନ ସୁନିଶ୍ଚିତ ହେଲାନାହିଁ ।

*(ଅନୁଚ୍ଛେଦ 3.3.2)*

- ପରୀକ୍ଷା ଯାଞ୍ଚ ହୋଇଥିବା କୌଣସି ବି ୟୁଏଲବି ଏସଡବ୍ଲୁଏମ ଲାଗି ଡିପିଆର ପ୍ରସ୍ତୁତ କରିନଥିଲେ । ଡିପିଆର ର ଅନୁପସ୍ଥିତିରେ ନିର୍ଦ୍ଧାରିତ ମୁଣ୍ଡପିଛା ଉତ୍ପନ୍ନ ବର୍ଜ୍ୟର ପରିମାଣ, ବର୍ଜ୍ୟ ପ୍ରକ୍ରିୟାକରଣର ଆକଳିତ କ୍ଷମତା ହାସଲ, ଆକସ୍ମିକ ପରିସ୍ଥିତି ପାଇଁ ବର୍ଜ୍ୟ ପରିଚାଳନା ଯୋଜନା, 3ଆର ପଦ୍ଧତି ପ୍ରଣୟନ ପାଇଁ ରଣନୀତି, ହିତାଧିକାରୀଙ୍କୁ ଯୋଜନା ପ୍ରସ୍ତୁତିରେ ଏବଂ ଆବର୍ଜନା ଉଠାଳି ମାନଙ୍କୁ ବର୍ଜ୍ୟ ପରିଚାଳନାରେ ସାମିଲ କରିବା ଅଡିଟ୍ ରେ ନିର୍ଦ୍ଧାରିତ ହୋଇପାରିଲା ନାହିଁ ।

*(ଅନୁଚ୍ଛେଦ 3.5)*

- ମାର୍ଚ୍ଚ 2021 ସୁଦ୍ଧା ଓଡିଶା ସରକାର ବର୍ଜ୍ୟର ନିବାରଣ, ହ୍ରାସ, ପୁନଃବ୍ୟବହାର ଏବଂ ପୁନରାବର୍ତ୍ତନ ନିମନ୍ତେ କୌଣସି ରଣନୀତି/ଯୋଜନା କରିବା ଲାଗି ପଦକ୍ଷେପ ନେଇନାହାନ୍ତି ଫଳରେ 90 ପ୍ରତିଶତ ବର୍ଜ୍ୟ ବିନା ପ୍ରକ୍ରିୟା କରଣ ହୋଇ ଲ୍ୟାଣ୍ଡଫିଲ/ଡମ୍ପିଂୟାର୍ଡରେ ଜମାହୋଇ ରହୁଥିଲା ।

*(ଅନୁଚ୍ଛେଦ 3.11)*

## କଠିନ ବର୍ଜ୍ୟବସ୍ତୁ ଗୁଡିକର ପୃଥକିକରଣ, ସଂଗ୍ରହ ଏବଂ ପରିବହନ

- ଏହା ଦେଖାଗଲା ଯେ ଉତ୍ସରେ ପୃଥକ୍କରଣତା ଯାଞ୍ଚ ହୋଇଥିବା 21 ଟି ୟୁଏଲବି ଗୁଡିକ ମଧ୍ୟରେ ସୀମିତ ଥିଲା । ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁ ମଧ୍ୟ ଅଧିସୂଚିତ ନହେବା ଯୋଗୁଁ ଲ୍ୟାଣ୍ଡଫିଲରେ ପକାଯାଉଥିଲା ।

*(ଅନୁଚ୍ଛେଦ 4.1.2)*

- 3ଆର ପଦ୍ଧତି ଅନୁସରଣ ନହେବା ଯୋଗୁଁ ମୁଣ୍ଡ ପିଛା ବର୍ଜ୍ୟ ଉତ୍ପାଦନ ସିପିସିବି ରୀତି ଅନୁଯାୟୀ 413 ଗ୍ରାମ୍/ଦୈନିକ ସ୍ଥଳେ 2017-18 ରେ 423 ଗ୍ରାମ୍ /ଦୈନିକ ରୁ 2019-20 ରେ 580 ଗ୍ରାମ୍ / ଦୈନିକ କୁ ବୃଦ୍ଧି ହୋଇଥିଲା ।

*(ଅନୁଚ୍ଛେଦ 4.3.2.4)*

## ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ ର ପ୍ରକ୍ରିୟାକରଣ ଏବଂ ନିଷ୍କାସନ

- ପରୀକ୍ଷାଯାଞ୍ଚ ହୋଇଥିବା 11ଟି ୟୁଏଲବି ଗୁଡିକରେ ଲ୍ୟାଣ୍ଡଫିଲ୍ ଠାରୁ 200 ମିଟର ମଧ୍ୟରେ ଏବଂ ଚାରୋଟି ୟୁଏଲବିରେ ବଫରଜୋନ ଠାରୁ 500 ମିଟର ମଧ୍ୟରେ ଜନବସତି ଗଢିଉଠିଥିଲା ଯାହା ସମ୍ଭାବ୍ୟ ସ୍ୱାସ୍ଥ୍ୟପ୍ରତି

ବିପଦ ସୃଷ୍ଟି କରୁଥିଲା । ପାଞ୍ଚଟି ୟୁଏଲବିରେ ଲ୍ୟାଣ୍ଡଫିଲ୍ ଗୁଡିକ ବିମାନ ବନ୍ଦର/ବିମାନ ଆଡ୍ଡା ଠାରୁ 20 କି.ମି ମଧ୍ୟରେ ଥିଲା ।

***(ଅନୁଚ୍ଛେଦ 5.1.2.2)***

**ସ୍ୱତନ୍ତ୍ର ବର୍ଜ୍ୟବସ୍ତୁ ଏବଂ ଗୃହ ନିର୍ମାଣ ଓ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ପରିଚାଳନା**

- ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେସନକୁ ଛାଡି ପରୀକ୍ଷା ଯାଞ୍ଚ ହୋଇଥିବା କୌଣସି ବି ୟୁଏଲବି ପିଏମଡବ୍ଲୁ ନିୟମ ର ବ୍ୟବସ୍ଥା କୁ ମିଶାଇ ବାଇ-ଲ ପ୍ରସ୍ତୁତ କରିନାହାନ୍ତି । ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେସନର ବାଇ-ଲ ମାର୍ଚ୍ଚ 2021 ସୁଦ୍ଧା ଅନୁମୋଦିତ ହୋଇନାହିଁ ।

***(ଅନୁଚ୍ଛେଦ 6.1.1)***

- ପ୍ଲାଷ୍ଟିକ୍ ବର୍ଜ୍ୟ ପିଡବ୍ଲୁଡିକୁ ହସ୍ତାନ୍ତର କରାଯାଇନଥିଲା, ଯିଏ ତାକୁ ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟବହାର କରିଥାନ୍ତେ ।

***(ଅନୁଚ୍ଛେଦ 6.1.3)***

- ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ପାଇଁ ୟୁଏଲବି ଗୁଡିକର ବାଇ-ଲ ରେ ଦର୍ଶାଯାଇଥିବା ଅନୁଯାୟୀ ସମସ୍ତ ବର୍ଜ୍ୟ ଉତ୍ପନ୍ନକାରୀ ବ୍ୟବହାର ଶୁଳ୍କ ଦେବା ଉଚିତ୍ । କୌଣସି ବି ୟୁଏଲବି ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ଲାଗି ବାଇ-ଲ ପ୍ରସ୍ତୁତ କରିନଥିଲେ କିମ୍ବା ପ୍ଲାଷ୍ଟିକ୍ ବର୍ଜ୍ୟ ଲାଗି ବ୍ୟବହାର ଶୁଳ୍କ ସଂଗ୍ରହ କରିନଥିଲେ । ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ଲାଗି ବାଇ-ଲ ଗଠନ /ପ୍ରଣୟନ ନ କରିବା ଯୋଗୁଁ ୟୁଏଲବି ଗୁଡିକର ରାଜସ୍ୱହାନି ହୋଇଥିଲା ।

***(ଅନୁଚ୍ଛେଦ 6.1.5)***

**ସ୍ମାର୍ଟସିଟି ଗୁଡିକରେ କଠିନ ବର୍ଜ୍ୟବସ୍ତୁର ପରିଚାଳନା**

- ଅଡିଟ୍ ନିରୀକ୍ଷଣ କଲା ଯେ 2015-20 ମଧ୍ୟରେ 2,956 ଟିପିଡି କଠିନ ବର୍ଜ୍ୟବସ୍ତୁ ଏବଂ 35,057 ଟିପିଏ ପ୍ଲାଷ୍ଟିକ୍ ବର୍ଜ୍ୟ ବିନା ପ୍ରକ୍ରିୟାକରଣ ରେ ଲ୍ୟାଣ୍ଡଫିଲ୍ ରେ ଜମା କରାଯାଇଥିଲା । ସେହିପରି, 2018-20 ମଧ୍ୟରେ ସ୍ମାର୍ଟ ସିଟି ଗୁଡିକରେ ସଂଗୃହିତ ହୋଇଥିବା 134 ଟିପିଏ ସି ଏବଂ ଡି ବର୍ଜ୍ୟ ବିନା ପ୍ରକ୍ରିୟାକରଣ ରେ ଲ୍ୟାଣ୍ଡଫିଲ୍ କୁ ଛଡାଯାଇଥିଲା ।

***(ଅନୁଚ୍ଛେଦ 7.6)***

- ଭୁବନେଶ୍ୱର ଏବଂ ରାଉରକେଲା ସ୍ମାର୍ଟ ସିଟିରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟବହାର ଶୁଳ୍କ ଆଦାୟ କରାଯାଇନଥିଲା । ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେସନ ମଧ ମାର୍ଚ୍ଚ 2021 ସୁଦ୍ଧା ବ୍ୟବହାର ଶୁଳ୍କ ସଂଗ୍ରହ କରିନଥିଲେ , ପରନ୍ତୁ , ରାଉରକେଲା ମ୍ୟୁନିସିପାଲିଟି କର୍ପୋରେସନ ମଇ 2020 ଠାରୁ ବ୍ୟବହାର ଶୁଳ୍କ ଆଦାୟ ଆରମ୍ଭ କରିଛି ।

***(ଅନୁଚ୍ଛେଦ 7.6.2)***

**ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ର ମୂଲ୍ୟାୟନ ଏବଂ ପର୍ଯ୍ୟବେକ୍ଷଣ**

- ଏସଏଲଏବି ଦ୍ୱାରା ଏସଡବ୍ଲୁଏମ ପ୍ରକଳ୍ପ ଗୁଡିକର ନିର୍ବାହ ଏବଂ ଏସଡବ୍ଲୁଏମ ନିୟମର ଉନ୍ନତି ଲାଗି ନିଆଯାଇଥିବା ପଦକ୍ଷେପ ଗୁଡିକର ପରୀକ୍ଷା ଲାଗି 2017-20 ମଧ୍ୟରେ ନଗର ଉନ୍ନୟନ ବିଭାଗ ଦ୍ୱାରା କୌଣସି ବୈଠକର ଆୟୋଜନ ହୋଇନଥିଲା ଯାହା ରାଜ୍ୟସ୍ତରୀୟ ସଂସ୍ଥା ଗୁଡିକ ଦ୍ୱାରା ଦୁର୍ବଳ ତଦାରଖ କୁ ଦର୍ଶାଉଥିଲା ।

***(ଅନୁଚ୍ଛେଦ 8.1.1)***